# ଓପିଜିସିର ୨୯ତମ ପ୍ରତିଷ୍ଠା ଦିବସ

ଲଖନପୁର, ୧୪।୧୧ (ବି.ଏନ୍.ଏ.) – ଓଡ଼ିଶା ବିଦ୍ୟୁତ୍ ଉତ୍ପାଦନ ନିଗମର ଝାରସୁଗୁଡ଼ା ଜିଲା ବନହରପାଲିରେ ଅବସ୍ଥିତ ଇବ୍ ତାପଜ ବିଦ୍ୟୁତ୍ ପ୍ରକଳ୍ପଠାରେ ବୁଧବାର ୨୯ତମ ପ୍ରତିଷ୍ଠା ଦିବସ ସମାରୋହ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ ବ୍ରଜରାଜନଗର ବିଧାୟକ ଅନୁପ ସାଏ । ପ୍ରକଳ୍ପର ନିର୍ଦ୍ଦେଶକ (ଅପରେଶନ୍) ଇନ୍ଦ୍ରନୀଲ ଦତ୍ତ ଓ ଅନ୍ୟ ବରିଷ୍ଠ ପଦାଧିକାରୀଗଣ ଏଥିରେ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ଏହି ଅବସରରେ ନୂତନ ଭାବେ ନିର୍ମିତ ତୃତୀୟ ଓ ଚତୁର୍ଥ ୟୁନିଟ୍ ଖୁବ୍ ଶୀଘ୍ର କାର୍ଯ୍ୟକ୍ଷମ ହେବ ବୋଲି ନିର୍ଦ୍ଦେଶକ ଦତ୍ତ ଘୋଷଣା କରିଥିଲେ । ସମାରୋହରେ କମ୍ପାନୀର ବିଭିନ୍ନ ବିଭାଗରେ କାର୍ଯ୍ୟରତ ଅଧିକାରୀ ଓ କର୍ମଚାରୀଙ୍କୁ ସେମାନଙ୍କ କାର୍ଯ୍ୟଦକ୍ଷତା ଆଧାରରେ ଚିହ୍ନଟ କରି ପୁରସ୍କୃତ କରାଯାଇଥିଲା । ପୂର୍ବାହ୍ନରେ ଅଧିକାରୀ ଓ କର୍ମଚାରୀଙ୍କୁ ନେଇ ଏକ ମାରାଥନ୍ ଦୌଡ଼ କରାଯାଇଥିଲା । ଏହାର କୃତି ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ପୁରସ୍କାର ପ୍ରଦାନ କରିଥିଲେ । ଦ୍ୱିତୀୟ ପର୍ଯ୍ୟାୟରେ ପ୍ରକଳ୍ପ ଡାକ୍ତରଖାନାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଡାକ୍ତରଖାନାର ମୁଖ୍ୟ ଚିକିତ୍ସକ ଡ. ବିଜୟଲାଲ୍ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗ ଦେଇ ସର୍ବପ୍ରଥମେ ରକ୍ତଦାନ କରିଥିଲେ । ଶିବିରରେ ୧୨ ମହିଳା ଓ ୨୬ ପୁରୁଷ ରକ୍ତଦାନ କରିଥିଲେ । ଶିବିର ପରିଚାଳନାରେ ଜିଲା ରେଡ଼କ୍ରସ ବିଭାଗ ଡାକ୍ତର ଏସ୍. ଭୋଇ, ଡ. ସଙ୍ଗୀତା ପଣ୍ଡା, ଡ. ମାନସ ରଞ୍ଜନ ପାଣିଗ୍ରାହୀ ଓ ଅନ୍ୟ କର୍ମଚାରୀମାନେ ସହାୟତା କରିଥିଲେ । ଅପରାହ୍ନରେ ଡାକ୍ତରଖାନାରେ ନବନିର୍ମିତ ସଂକ୍ରମିତ ଚିକିତ୍ସା ପ୍ରକୋଷ୍ଠକୁ ବିଧାୟକ ଫିତାକାଟି ଉଦ୍‌ଘାଟନ କରିଥିଲେ । ଏହି ପ୍ରକୋଷ୍ଠଟି ଶୀତତାପ ନିୟନ୍ତ୍ରିତ ଓ ଏଥିରେ ୪ଟି ଶଯ୍ୟା ରହିଛି । ସମାରୋହର ସନ୍ଧ୍ୟା ଅଧିବେଶନରେ ଅର୍କେଷ୍ଟ୍ରା ଓ ନାଚଗୀତ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ହୋଇଥିଲା ।